# NATIONAL NEWS BULLETIN (ODIA)

**16 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଚଳିତ ନିର୍ବାଚନର ସପ୍ତମ ତଥା ଶେଷ ପର୍ଯ୍ୟାୟର ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ।

- ଦୁଇଟି ରାଜନୈତିକ ଦଳ ମଧ୍ୟରେ ନିର୍ବାଚନୀ ହିଂସା ଯୋଗୁଁ ଓଡ଼ିଶାରେ ଜଣଙ୍କର ମୃତ୍ୟୁ ୩ ଜଣ ଆହତ ।

- ଦେଶରେ ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ ।

- କ୍ୟୁବାକୁ ଆମେରିକା ବୈଦେଶିକ ବିଭାଗ ଦ୍ୱାରା ପ୍ରସ୍ତୁତ ତାଲିକାରୁ ବାଦ୍ ଦେଲେ ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ହେବ ମୁକାବିଲା ।

# ସେଭେନ୍ ଫେଜ୍ ଇଲେକ୍ସନ୍

ଆସନ୍ତା ଜୁନ୍ ପହିଲାରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ଗତକାଲି ପ୍ରାର୍ଥୀପତ୍ର ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଆସନ ଅନ୍ତର୍ଭୁକ୍ତ ।

ଏହି ପର୍ଯ୍ୟାୟରେ ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଯାଜପୁର ସଂସଦୀୟ କ୍ଷେତ୍ର ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ ।

# ଓଡ଼ିଶା ନିର୍ବାଚନ

ଓଡ଼ିଶାରେ ନିର୍ବାଚନୀ ହିଂସାକାଣ୍ଡ ଯୋଗୁଁ  ଜଣଙ୍କର ମୃତ୍ୟୁ ହେବା ସହ ୩ ଜଣ ଆହତ ହୋଇଛନ୍ତି। ଗଂଜାମ ଜିଲ୍ଲାର ଖଲିକୋଟ୍ ନିର୍ବାଚନ ମଣ୍ଡଳୀରେ ଗତ ରାତିରେ ବିଜେପି କର୍ମୀମାନେ ପୋଷ୍ଟର ଲଗାଉଥିବାବେଳେ ବିଜେଡି କର୍ମୀଙ୍କ ବିରୋଧ ଯୋଗୁଁ ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ହୋଇଥିଲା। ଏହି ଘଟଣାରେ ଆହତଙ୍କୁ ତୁରନ୍ତ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର

ମୃତ୍ୟୁ ହୋଇଛି । ଏହି ଘଟଣାରେ ଜଡିତ ଅଭିଯୋଗରେ ପୁଲିସ୍ ୮ ଜଣଙ୍କୁ ଗିରଫ କରିଛି । ଆଜି ସକାଳ ୧୦ଟାରେ ବହୁ ବିଜେପି କର୍ମୀ ଏହି ଘଟଣା ନେଇ ଥାନା ଘେରାଉ କରିଥିଲେ । ଏହି ହିଂସା ଘଟଣାରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ରାଜ୍ୟରେ କୌଣସି ପ୍ରକାର ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । କୌଣସି ପ୍ରକାର ଆଇନ୍‌ଶୃଙ୍ଖଳା ପରିସ୍ଥିତି ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତେଇ ଦେଇଛନ୍ତି । ଏହି ହିଂସାକୁ ନିୟନ୍ତ୍ରଣ କରିବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସେ ଗଂଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଆରକ୍ଷୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଗଣତନ୍ତ୍ର ରାଷ୍ଟ୍ରରେ ଏଭଳି ପରିସ୍ଥିତି କ୍ଷମଣୀୟ ନୁହେଁ ବୋଲି ସେ କହିଛନ୍ତି । ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ସେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଆହତଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଏହି ଘଟଣାରେ ଜଡିତ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଗଣତନ୍ତ୍ରରେ ହିଂସା ଏବଂ ଅନ୍ୟାୟର କୌଣସି ସ୍ଥାନ ନାହିଁ । ଏହି ଦୁଃଖଦ ସମୟରେ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଏବଂ ସାହସ ରଖିବାକୁ ସେ ପରାମର୍ଶ ଦେଇଛନ୍ତି ।

## କ୍ୟାମ୍ପେନିଂ

ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳର ଷ୍ଟାର ପ୍ରଚାରକମାନେ ନିଜର ସମସ୍ତ ଶକ୍ତି ପ୍ରୟୋଗ କରୁଛନ୍ତି। ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଉତ୍ତରପ୍ରଦେଶରେ ପ୍ରଚାର କରିବେ।

ଦୁଇ ଦିନରେ ୧୧ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ସେ ୭ଟି ରାଲି କରିବେ। ସେ ଆଜି ଜୌନପୁର, ଭଦୋହି, ପ୍ରତାପଗଡ଼ ଓ ଆଜମଗଡ଼ରେ ଜନସମାବେଶ କରିବେ। ଶ୍ରୀ ମୋଦୀ ଆଜି ରାତିରେ ରାଜ୍ୟପାଳ ଭବନ ଲକ୍ଷ୍ନୌରେ ରହିବେ ଏବଂ ଆସନ୍ତାକାଲି ବାରବାଙ୍କୀ, ଫତେପୁର ଏବଂ ହମିରପୁର ନିର୍ବାଚନ ମଣ୍ଡଳୀରେ ଆହୁରି ୩ଟି ରାଲିକୁ ସମ୍ବୋଧିତ କରିବେ। ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ନିର୍ବାଚନ ମଣ୍ଡଳୀରେ ଏହି ରାଲି କରାଯାଉଛି।

ଅନ୍ୟ ପକ୍ଷରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏବଂ ବହୁଜନ ସମାଜ ପାର୍ଟି ସୁପ୍ରିମୋ ମାୟାବତୀଙ୍କ ସମେତ ବିରୋଧୀ ଦଳ ନେତାମାନେ ଆଜି ପ୍ରଚାର କରିବେ। କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାୟବରେଲି ନିର୍ବାଚନମଣ୍ଡଳୀରେ ତାଙ୍କ ଭାଇ ରାହୁଲ ଗାନ୍ଧୀଙ୍କ ପାଇଁ ପ୍ରଚାର କରିବେ ଏବଂ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡିକେ ଶିବକୁମାର ମଧ୍ୟ ଲକ୍ଷ୍ନୌରେ ସାମ୍ବାଦିକ ସମ୍ମିଳନୀ କରିବେ।

## ରୋଡ୍ ଶୋ’-ଜେ.ପି. ନଡ୍ଡା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା  ଓଡ଼ିଶା ଗସ୍ତରେ  ଆଜି ଭୁବନେଶ୍ୱରଠାରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବାହାରିଥିବା ଏହି ରୋଡ୍ ଶୋ' ମାଉସୀମା ମନ୍ଦିରରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା।

ଅନ୍ୟପକ୍ଷରେ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଆଜି କନ୍ଧମାଳ ଗସ୍ତରେ ଆସି ଏକ ନିର୍ବାଚନ ରାଲିକୁ ସମ୍ବୋଧନ କରିବେ ବୋଲି ଦଳର ରାଜ୍ୟଶାଖା ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୟୁଏସ୍ କ୍ୟୁବା

ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ୍ କ୍ୟୁବାକୁ ବୈଦେଶିକ ବିଭାଗ ଦ୍ୱାରା ପ୍ରସ୍ତୁତ ତାଲିକାରୁ ବାଦ୍ ଦେଇଛନ୍ତି। ହିଂସାତ୍ମକ ଗୋଷ୍ଠୀବିରୋଧରେ ସମ୍ପୂର୍ଣ୍ଣ ସହଯୋଗ  ପ୍ରଦାନ କରୁନଥିବା ଅଭିଯୋଗରେ କ୍ୟୁବା ବିରୋଧରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।  ଏକ ବିବୃତ୍ତିରେ ବୈଦେଶିକ ବିଭାଗ କହିଛି, କ୍ୟୁବା ଏବଂ ଆମେରିକାର ଆଇନ ପ୍ରବର୍ତ୍ତନକାରୀମାନେ ପୁଣି ଥରେ ଆତଙ୍କବାଦ ବିରୋଧୀ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଏକାଠି କାମ କରୁଛନ୍ତି। ତେବେ  କ୍ୟୁବାକୁ ସମ୍ପୂର୍ଣ୍ଣ ସହଯୋଗ କରୁନଥିବା ଦେଶ ବୋଲି ଗତ ୨୦୨୨ରେ ବୈଦେଶିକ ବିଭାଗ ଦର୍ଶାଇଥିଲା। ତେବେ ଆମେରିକା ଏବଂ କ୍ୟୁବା ୨୦୨୩ରେ ଆତଙ୍କବାଦ ମୁକାବିଲା ସମେତ ଆଇନ ପ୍ରଣୟନ ନେଇ ପାରସ୍ପରିକ ସହଯୋଗ ପୁନଃ ଆରମ୍ଭ କରିଥିଲେ।

ସୂଚନାଯୋଗ୍ୟ, ଅସ୍ତ୍ରଶସ୍ତ୍ର ରପ୍ତାନି ନେଇ ଆମେରିକାର ଆଇନକୁ ପାଳନ କରୁଥିବା ଏବଂ ଆତଙ୍କବାଦ ମୁକାବିଲାରେ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରୁଥିବା ଦେଶଗୁଡ଼ିକକୁ ନେଇ ଆମେରିକାର ବୈଦେଶିକ ବିଭାଗ ଏକ ତାଲିକା ପ୍ରସ୍ତୁତ କରିଛି।

କ୍ୟୁବା ବୈଦେଶିକ ମନ୍ତ୍ରୀ ବ୍ରୁନୋ ରୋଡ୍ରିଗେଜ୍ ଏହି ନିଷ୍ପତ୍ତିକୁ ସ୍ୱୀକାର କରିଛନ୍ତି ଏବଂ ଆମେରିକା କିଛି ସକାରାତ୍ମକ ପଦକ୍ଷେପ ଗ୍ରହଣ କରିପାରେ ବୋଲି ସେ ଆଶା ରଖିଛନ୍ତି।

## ନେତାନ୍ୟାହୁ- ରାଫାହ ଆକ୍ରମଣ

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ରାଫାରେ ସାମରିକ ଆକ୍ରମଣ ଆଉ କିଛି ସପ୍ତାହ ପାଇଁ ଚାଲିବ। ଦକ୍ଷିଣ ଗାଜା ସହରରେ ଆଉ ୪ଟି ହାମାସ ବାଟାଲିୟନକୁ ଧ୍ୱଂସ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଗତକାଲି ଆମେରିକାର ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତକାର ଶ୍ରୀ ନେତାନ୍ୟାହୁ କହିଛନ୍ତି, ନିଜର ବଞ୍ଚିବା ଏବଂ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଯାହା ଆବଶ୍ୟକ ତାହା କରିବାକୁ ହିଁ ପଡିବ।

ଆମେରିକା ରାଷ୍ଟ୍ରପତି ଜୋ. ବାଇଡେନ ଚେତାବନୀ ଦେଇଛନ୍ତି ଯେ ଯଦି ଇସ୍ରାଏଲ ସେନା ରାଫାରେ ସାଧାରଣ ନାଗରିକ ଆଶ୍ରୟ ନେଉଥିବା ସ୍ଥାନରେ ଏକ ବଡ଼ ଧରଣର ଆକ୍ରମଣ କଲେ, ୱାଶିଂଟନ ଇସ୍ରାଏଲ୍‌କୁ ଗୋଳାବାରୁଦ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିଦେବ।

 ହ୍ୱାଇଟ୍ ହାଉସ୍‌ର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍ ଏହି ସପ୍ତାହରେ ଇସ୍ରାଏଲ୍ ଗସ୍ତ କରି ଯୁଦ୍ଧକୁ  ରୋକିବା ପାଇଁ ଆବଶ୍ୟକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଝାଡଖଣ୍ଡ-ଆଲମ୍ ରିମାଣ୍ଡ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇଥିବା ଝାଡଖଣ୍ଡର ଗ୍ରାମ ଉନ୍ନୟନ ମନ୍ତ୍ରୀ ଆଲାମ୍‌ଗିରି ଆଲ୍‌ମ୍‌ଙ୍କୁ  ଆଜି ପିଏମ୍‌ଏଲ୍‌ଏ କୋର୍ଟରେ ହାଜର କରାଯାଇଥିଲା ।  କୋର୍ଟ ତାଙ୍କ ୬ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠେଇ ଦେଇଛନ୍ତି । ଗତକାଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା । ଆଲାମଗିରିଙ୍କ ବ୍ୟକ୍ତିଗତ ସଚିବଙ୍କ ଘରେ କାର୍ଯ୍ୟ କରୁଥିବା ଜଣେ ସହାୟକଙ୍କ ଘରୁ ୩୫ କୋଟି ଟଙ୍କା ଜବତ ହେବା ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଲାମ୍‌ଗିରିଙ୍କ ବିରୋଧରେ ମାମଲା ରୁଜୁ କରିଛି । ପୂର୍ବରୁ ତାଙ୍କର ବ୍ୟକ୍ତିଗତ ସଚିବ ସଂଜୀବ ଲାଲ ଏବଂ ତାଙ୍କ ସହାୟକଙ୍କୁ ଇଡି ଗିରଫ କରିସାରିଛି ।

## ୟୁପି କେଜ୍ରିଓ୍ୱାଲ୍ ଅଖିଳେଶ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ନେତା ଅରବିନ୍ଦ କେଜ୍ରିଓ୍ୱାଲ ସମ୍ବିଧାନକୁ ପରିବର୍ତ୍ତନ କରି ସଂରକ୍ଷଣକୁ ଶେଷ କରିବାକୁ ବିଜେପି ଚାହୁଁଛି ବୋଲି ସେ ଅଭିଯୋଗ କରିଛନ୍ତି । ଏଥିପାଇଁ ଚଳିତ ନିର୍ବାଚନରେ ବିଜେପିକୁ ୪୦୦ରୁ ଅଧିକ ଲୋକସଭା ଆସନ ଦରକାର ବୋଲି ଦଳୀୟ ନେତାମାନେ ଆଶା ବାନ୍ଧିଛନ୍ତି ବୋଲି ସେ କହିଛନ୍ତି ।

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସହ ଲକ୍ଷ୍ନୌରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ବିଜେପି ଏବଂ ଆରଏସଏସର ସବୁ ପଦକ୍ଷେପ ସର୍ବଦା ସଂରକ୍ଷଣ ଚିନ୍ତାଧାରା ବିରୋଧରେ ହିଁ ରହିଆସିଛି।

ଏହି ଅବସରରେ ଅଖିଳେଶ ଯାଦବ କହିଛନ୍ତି, ଲୋକମାନେ ବାସ୍ତବତାକୁ ବୁଝିସାରିଛନ୍ତି ଏବଂ ସେମାନେ ନିର୍ବାଚନ ମାଧ୍ୟମରେ ନିଜର ଦୃଢ଼ ମତ ବ୍ୟକ୍ତ କରିବେ।

# ପ୍ରେଜ୍ ସିକିମ୍

ସିକିମ୍‌ର ପ୍ରତିଷ୍ଠା ଦିବସ ଅବସରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିକିମ୍‌ବାସୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ସିକିମ୍ ପ୍ରାକୃତିକ ସମ୍ଭାର ସମ୍ପନ୍ନ ଏକ ରାଜ୍ୟ। ଦେଶର ବିକାଶ କ୍ଷେତ୍ରରେ ସିକିମ୍‌ବାସୀଙ୍କର ଅବଦାନ ସର୍ବଦା ପ୍ରଶଂଶନୀୟ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ସିକିମ୍‌ବାସୀଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଜୈବିକ କୃଷି କ୍ଷେତ୍ରରେ ସିକିମ୍ ସମଗ୍ର ଦେଶରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିଛି। ସିକିମ୍‌ର ସର୍ବାଙ୍ଗିନ ଉନ୍ନତି ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ସେ କହିଛନ୍ତି।

# ମହାରାଷ୍ଟ୍ର ଇଲେକ୍ସନ୍

ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରର ୧୩ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ। ଏହି ଆସନଗୁଡ଼ିକରେ ୨୬୪ ଜଣ ପ୍ରାର୍ଥୀ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ପିୟୁଷ୍ ଗୋଏଲ୍, ଭାରତୀ ପାୱାର, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପୁଅ ଡକ୍ଟର ଶ୍ରୀକାନ୍ତ ସିନ୍ଦେ, ଉଜ୍ଜ୍ୱଲ ନିକମ ପ୍ରମୁଖ୍ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମୁମ୍ବାଇରେ ଏକ ରୋଡ୍ ସୋ'ରେ ଅଂଶଗ୍ରହଣ କରିବା ସହ ଡିଣ୍ଡୋରି ଏବଂ କଲ୍ୟାଣ ଠାରେ ନିର୍ବାଚନ ରାଲିକୁ ସମ୍ବୋଧନ କରିଥିଲେ।

## ଭାରତ-ରୁଷ

ଆଫଗାନିସ୍ତାନ ପ୍ରସଙ୍ଗରେ ଭାରତ ଓ ରୁଷ୍ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଆଫଗାନିସ୍ତାନ ପାଇଁ ଋଷର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜାମିର କାବୁଲୋଭ୍ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ଯୁଗ୍ମ ସଚିବ ଜେପି ସିଂହ ଆଫଗାନିସ୍ତାନର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା କରିଛନ୍ତି। ଆଫଗାନିସ୍ତାନ ବାସୀଙ୍କ କଲ୍ୟାଣ ପାଇଁ ବିକାଶ ସହାୟତା ପ୍ରଦାନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ ।

## ଆଇପିଏଲ୍

ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ। ସନ୍‌ରାଇଜର୍ସ ହାଇଦ୍ରାବାଦ ଖେଳିଥିବା ୧୨ଟି ମ୍ୟାଚ୍ ମଧ୍ୟରେ

୭ଟିରେ ବିଜୟ ସହ ୧୪ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ଥିବାବେଳେ ଗୁଜୁରାଟ ଏପର୍ଯ୍ୟନ୍ତ ଖେଳିଥିବା ୧୩ଟି ମ୍ୟାଚ୍‌ରୁ ୧୧ ପଏଣ୍ଟ ପାଇ ତାଲିକାର ଅଷ୍ଟମ ସ୍ଥାନରେ ରହିଛି। ଆଜିର ମ୍ୟାଚ୍‌କୁ ଜିତି ହାଇଦ୍ରାବାଦ୍ ପ୍ଲେ ଅଫ୍‌ରେ ନିଜର ସ୍ଥାନ ପକ୍‌କା କରିବାକୁ ଚେଷ୍ଟା କରିବ।